ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/STSC Dev.(OD)/895/19-12-2020

# ଭର୍ଚୁଆଲ୍ ଟୁର୍‌ରେ ରାଜ୍ୟ ଜନଜାତି ସଂଗ୍ରହାଳୟ
# କୋୟା ଜନଜାତିଙ୍କ ନୃତ୍ୟ ଓ ସଂଗୀତ

ଭୁବନେଶ୍ୱର, ତା.୧୯/୧୨/୨୦୨୦

ଦର୍ଶକମାନେ ଭର୍ଚୁଆଲ୍ ଟୁର୍‌ରେ ରବିବାର, ଡିସେମ୍ବର ୨୦ ତାରିଖ ଦିନ ଫେସ୍‌ବୁକ୍ ଓ ଟୁଇଟର ପେଜ୍ @stscdev, @scstrti ଖୋଲି କୋୟା ଜନଜାତିଙ୍କର ନୃତ୍ୟ ଓ ସଂଗୀତ ଦେଖିପାରିବେ ବୋଲି ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି ।

କୋୟାମାନେ ମାଲକାନଗିରି ଜିଲ୍ଲାର ମୁଖ୍ୟ ଜନଜାତି ଅଟନ୍ତି । ସେମାନଙ୍କର ପ୍ରଧାନ ପେଶା ହେଉଛି, ଶିକାର, ଖାଦ୍ୟସଂଗ୍ରହ, ପୋଡୁଚାଷ, ଜଙ୍ଗଲ ସଂରକ୍ଷଣ, ପଶୁପାଳନ, କୃଷି, ବାସ୍କେଟ ପ୍ରସ୍ତୁତି ଇତ୍ୟାଦି । ସେମାନଙ୍କର ମୁଖ୍ୟ ଦେବତା ହେଉଛନ୍ତି ଘର ଦେବତା 'ବିଲାଗୁଡ଼ି' ଓ ଗ୍ରାମ ଦେବୀ 'ଗୁଡ଼ିନାଟା' । ସେମାନେ ମାଟି ମା'କୁ ମଧ୍ୟ ପୂଜା କରିଥା'ନ୍ତି । କୋୟା ଜନଜାତିଙ୍କର ପର୍ବପର୍ବାଣିର ମୁଖ୍ୟ ଅଂଶ ହେଉଛି ନୃତ୍ୟ ଓ ସଂଗୀତ । ଏହା ଦ୍ୱାରା ସେମାନେ ସେମାନଙ୍କର ଉଚ୍ଚକୋଟୀର ପରମ୍ପରାକୁ ଉଜ୍ଜୀବିତ କରି ରଖିପାରିଛନ୍ତି । କୋୟା ନୃତ୍ୟର ମୌଳିକତା, ସ୍ୱତଃସ୍ଫୁର୍ତ୍ତ ଗତିଶୀଳତାର ବିଶେଷତ୍ୱ ରହିଛି । ମନଖୁସି ଥିବାବେଳେ ସେମାନେ ନିଜେ ସଂଗୀତ ପ୍ରସ୍ତୁତ କରି ଗାୟନ କରିଥା'ନ୍ତି ।

କୋୟା ଜନଜାତି ପର୍ବ ପାଳନ କରିବା ସମୟରେ ନୃତ୍ୟ ଓ ସଂଗୀତ ମୁଖ୍ୟ ଅଂଶ ଅଟେ । 'ବିଜାପଣ୍ଡୁ'ଙ୍କର ପବିତ୍ର ବିହନ ପର୍ବବେଳେ, ଗ୍ରାମଦେବତୀ 'ଗୁଡ଼ିମାତା'ଙ୍କ ଉଦ୍ଦେଶ୍ୟରେ ନୃତ୍ୟ ସଂଗୀତ ସହିତ ପ୍ରଚୁର ଶସ୍ୟ ଉତ୍ପାଦନ ନିମନ୍ତେ ଅନୁରୋଧ କରିଥା'ନ୍ତି । ଏହି ସମୟରେ କୋୟା ମହିଳାମାନେ ନୃତ୍ୟ, ସଂଗୀତ ଓ ଢୋଲ ସହିତ ପୁରୁଷମାନେ ଶିକାର କରି ଫେରିବାବେଳେ ସେମାନଙ୍କୁ ସ୍ୱାଗତ କରିଥା'ନ୍ତି ।

ଅନ୍ୟାନ୍ୟ ପର୍ବ ଓ ଉତ୍ସବ ସମୟରେ ଉଭୟ ପୁରୁଷ ଓ ମହିଳାମାନେ ଏକତ୍ର ନୃତ୍ୟ ପରିବେଷଣ କରିଥା'ନ୍ତି । ଏହି ସମୟରେ ମହିଳାମାନେ ମୁଣ୍ଡରେ ପିତ୍ତଳ ମୁଣ୍ଡବନ୍ଧା, ବାଡ଼ି ଓ ଘଣ୍ଟି(ଗୁଜୁରି)କୁ ହାତରେ ଧରି ନୃତ୍ୟ କରିବା ସମୟରେ ମାଟିରେ ପିଟି ସଂଗୀତର ତାଳେ ତାଳେ ସୁନ୍ଦର ନୃତ୍ୟ ପରିବେଷଣ କରିଥା'ନ୍ତି । ପୁରୁଷମାନେ ସ୍ପେସାଲ୍ ଗୟଳ ଶିଙ୍ଘ ଓ କାଉରି ପିନ୍ଧି ଚିତ୍ତାକର୍ଷକ ନୃତ୍ୟ କରିଥା'ନ୍ତି । କୋୟା ହେଉଛି କେତେକ ଜନଜାତି ଗୋଷ୍ଠୀ ଭଳି ଗୋଟିଏ ଯେଉଁମାନେ କାଉରିକୁ ଅଳଙ୍କାର ଭାବେ ବ୍ୟବହାର କରିଥା'ନ୍ତି । ପୁରୁଷମାନେ ନୃତ୍ୟ କରିବା ସମୟରେ ଏକ ବଡ଼ ଢୋଲକୁ କାନ୍ଧରେ ଝୁଲାଇ ଏକାଠି ନୃତ୍ୟ କରିଥା'ନ୍ତି । କୋୟାମାନଙ୍କର ଗୟଳ ଶିଙ୍ଘ ପରିପାଟୀ ବସ୍ତରର 'ମାରିଆମ୍'ମାନଙ୍କ ସହିତ ସମାନତା ରହିଛି । ନୃତ୍ୟ ଓ ସଂଗୀତ ମାଧ୍ୟମରେ କୋୟା ଜନଜାତି ପ୍ରକୃତି ସହିତ ସଂପର୍କ ରଖିବା ସହିତ ପରିବେଶକୁ ସମ୍ମାନ ଦେଇଥା'ନ୍ତି ।

ଡକ୍ଟର ଜ୍ୟୋତିର୍ମୟି ସାମନ୍ତରାୟ
ସୂଚନା ଅଧିକାରୀ